## ବିସ୍ଫୋରକ ଖାଇ ବଳଦ ଗୁରୁତର

ପାତ୍ରପୁର: (ଡି.ଏନ୍.ଏ.)-ପାତ୍ରପୁର ବ୍ଲକ ସୁରଙ୍ଗୀ ପଞ୍ଚାୟତ କନିରିଡା ଗ୍ରାମରେ ସୋମବାର ଏକ ଗୋଚର ଜମିରେ ବିସ୍ଫୋରକ ଖାଇ ବଳଦ ଗୁରୁତର ହୋଇଛି। ବାର୍ହା ଶିକାର କରିବା ପାଇଁ କେହି ବ୍ୟକ୍ତି ଗୋଚର ଜମିରେ ବିସ୍ଫୋରକ ଖଞ୍ଜି ଥିଲେ। ଗ୍ରାମର ତ୍ରିନାଥ ପ୍ରଧାନଙ୍କ ବଳଦଟି ଉକ୍ତ ଜମିରେ ଘାସ ଚରୁ ଥିବା ସମୟରେ ବିସ୍ଫୋରକକୁ ଖାଇଦେବା ଫଳରେ ହଠାତ୍ ବୋମାଟି ତାର ମୁହଁରେ ଫୁଟିଯାଇଥିଲା। ଫଳରେ ବଳଦଟିର ମୁହଁଟି ସମ୍ପୂର୍ଣ୍ଣ ଭାବରେ କ୍ଷତାକ୍ତ ହୋଇଯାଇଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ଇଞ୍ଜିନିୟରିଂ ଛାତ୍ରୀ ମୃତ

**ବୁଗୁଡ଼ା,୫।୪(ଡି.ଏନ.ଏ.):**ବୁଗୁଡ଼ା ଥାନା କରସିଂ ନିକଟରେ ସୋମବାର ସ୍କୁଟି ଦୁର୍ଘଟଣାରେ କୋମଣ୍ଡ ଇଞ୍ଜିନିୟର କଲେଜ ଶ୍ରୀପଲି ଟେକନିକାଲ ସିଭିଲ ଡିପ୍ଲୋମାର ଶେଷ ବର୍ଷର ଛାତ୍ରୀ ଫିଜା ମଲ୍ଲିକଙ୍କ ମୃତ୍ୟୁ ଘଟିଛି। ସେହି କଲେଜର ଗୁରୁତର ପ୍ରଜ୍ଞା ଜ୍ୟୋତି ଜାନି ଓ ଶାନ୍ତି ନାୟକଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଅପରାହ୍ନରେ ଓଡଗାଁ ଅଞ୍ଚଳର ଛାତ୍ରୀ ଫିଜା, ପ୍ରଜ୍ଞାଙ୍କ ଶାନ୍ତି ସ୍କୁଟିରେ କୋମଣ୍ଡ କଲେଜ ହଷ୍ଟେଲକୁ ଫେରୁଥିବା ବେଳେ କରସିଂ ଗ୍ୟାସ ଅଫିସ ନିକଟରେ ଏକ ଗଛକୁ ଧକ୍କା ଦେଇ ରାସ୍ତାରେ ପଡ଼ିଥିଲେ। ଘଟଣାସ୍ଥଳରେ ଫିଜାଙ୍କ ମୃତ୍ୟୁ ଘଟିଥିଲା। ବୁଗୁଡ଼ା ପୋଲିସ ମୃତଦେହକୁ ଜବତ କରି ନଂ. ୧୫୩/୨୧ ରେ ଏକ ମାମଲା ରୁଜୁ କରିଛି।

### ୩ ଦିନରେ ୯ ସଂକ୍ରମିତ

**ପାରଳାଖେମୁଣ୍ଡି,୫।୪(ଡି.ଏନ୍.ଏ.):** ପାରଳାଖେମୁଣ୍ଡିରେ ସୋମବାର ପୁଣି ୩ ଜଣ କରୋନାରେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ଜିଲାରେ ମୋଟ ୪୦୯୭ ଜଣ ଆକ୍ରନ୍ତ ହୋଇଥିବା ପ୍ରଶାସନ ତରଫରୁ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଗତ ୩ଦିନ ମଧ୍ୟରେ କରୋନାର ଦ୍ୱିତୀୟ ଲହରୀରେ ୯ ଜଣ ସଂକ୍ରମିତ ହୋଇଛନ୍ତି। ଆକ୍ରାନ୍ତମାନେ ହୋମ ଆଇସୋଲେଶନରେ ରହିଛନ୍ତି।

### ଖମ୍ବେଶ୍ୱରୀଙ୍କ ପୀଠରେ ହେବନି ମୁଣ୍ଡନ

**ଆସିକା,୫।୪(ଡି.ଏନ୍.ଏ.):**କରୋନା ସଂକ୍ରମଣ ବଢୁଥିବାରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଆସିକାର ଆରାଧ୍ୟା ଦେବୀ ମା' ଖମ୍ବେଶ୍ୱରୀଙ୍କ ପୀଠରେ ଚୈତ୍ର ମଙ୍ଗଳବାର ମାନସିକଧାରୀଙ୍କ ମୁଣ୍ଡନ ବନ୍ଦ ରହିବ ବୋଲି ଜଣାପଡିଛି । ସୋମବାର ମନ୍ଦିର ପରିସରରେ ପ୍ରଶାସନିକ ଅଧିକାରୀ, ମନ୍ଦିର ପରିଚାଳନା କମିଟି ଓ ପୂଜକ ପ୍ରତିନିଧିଙ୍କ ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ତେବେ ଦେବୀଙ୍କ ପୂଜାର୍ଚ୍ଚନା ଓ ଶ୍ରଦ୍ଧାଳୁଙ୍କ ଦର୍ଶନ କରୋନା ନିତିନିୟମ ମାନି ହେବ ବୋଲି ତହସିଲଦାର ସଦାନନ୍ଦ ସେଠୀ ସୂଚନା ଦେଇଛନ୍ତି। ମନ୍ଦିରରେ ପୂଜା ନିମନ୍ତେ ୧୪ଜଣ ଲେଖାଏ ପୂଜକ ରହିବେ। ଏକକାଳୀନ ୫୦ଜଣ ଲେଖାଏ ଶ୍ରଦ୍ଧାଳୁଙ୍କୁ ମନ୍ଦିର ଭିତରକୁ ଛଡାଯିବ ବୋଲି ନିଷ୍ପତ୍ତି ଦିଆଯାଇଛି। ଆଲୋଚନା ବୈଠକରେ ତହସିଲଦାର ସେଠୀଙ୍କ ସମେତ ଏସଡିପିଓ ସୂର୍ଯ୍ୟମଣି ପ୍ରଧାନ, ଏନଏସି ନିର୍ବାହୀ ଅଧିକାରୀ ପ୍ରସନ୍ନ ଟେଟେ, ମନ୍ଦିର ପରିଚାଳନା କମିଟି ସଭାପତି ସତ୍ୟନାରାୟଣ ସ୍ୱାଇଁ, ମନୋଜ କୁମାର ମୁନି ପ୍ରମୁଖ ସାମିଲ ଥିଲେ।

### କାଜୁ ତୋଟାରେ ୧୪୪ ଜାରି

**କାଶୀନଗର,୫।୪:**କାଶିନଗର ତହସିଲ ଅରମଡ଼ା ମୌଜାରେ ଦୀର୍ଘଦିନ ଧରି ଲାଗି ରହିଥିବା ଆଦିବାସୀ ଓ ଅଣଆଦିବାସୀ ବିବାଦ ଥିବା ୧୦୬ ଏକର କାଜୁତୋଟାକୁ ସୋମବାର ୧୪୪ ଧାରା ଲାଗୁ କରାଯାଇଛି। ଅରମଡ଼ା ମୌଜା ମ୍ୟୁଟେଶନ କେସ ନଂ. ୭/୨୧ରେ ତୋଟାକୁ ପାରଳାଖେମୁଣ୍ଡି ସବଡିଭିଜନ ମାଜିଷ୍ଟ୍ରେଟଙ୍କ ଆଦେଶକ୍ରମେ ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ରଙ୍କ ଉପସ୍ଥିତିରେ ଆଇଆଇସି ସୁଶାନ୍ତ କୁମାର ସାହୁ ୧୪୪ ଜାରି କରିଥିଲେ।

### କରୋନା ସଚେତନତା

**ସୋରଡ଼ା,୫।୪(ଡି.ଏନ୍.ଏ.):** ସୋରଡ଼ାରେ ବଡଦଣ୍ଡପୁଞ୍ଜାରେ ଦଣ୍ଡୁଆମାନଙ୍କୁ କରୋନା ସଚେତନତା ପାଇଁ ପୋଲିସ ଓ କଏଦୀ ପୋଷାକରେ ଦୁଇ ଯୁବ କଳାକାର ସଚେତନ କରୁଛନ୍ତି । ପ୍ରତ୍ୟେକ ଦଣ୍ଡୁଆ ଯେପରି ଦୂରତା ରକ୍ଷା କରିବା, ମାସ୍କ ବ୍ୟବହାର କରିବା ଉପରେ ଦୃଷ୍ଟି ଦେବେ ସେଥିପାଇଁ କଳାକାର ରାଜା ଦାସ, ସଉରା ପାଳ ଦଣ୍ଡ ଦଳ ସାଥିରେ ବୁଲୁଛନ୍ତି। ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶ ତଥା ତହସିଲଦାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ନିୟମ ପାଳନକୁ ବାଧ କରୁଥିବା ଦେଖାଯାଇଛି।

# ଏବେଠୁ ସମସ୍ୟା ଉତ୍କଟ, ଜଳଛତ୍ର ଖୋଲିବା ଦାବି

## ବର୍ଷା ନାହିଁ, ହ୍ରାସ ପାଉଛି ଜଳସ୍ତର

**ଭଞ୍ଜନଗର,୫।୪(ଡି.ଏନ.ଏ)**

ଭଞ୍ଜନଗର ସହର ଓ ଏହାର ଆଖପାଖ ଅଞ୍ଚଳରେ ଗତ ଅକ୍ଟୋବରରୁ ବର୍ଷା ହୋଇନାହିଁ । ଏଥିଯୋଗୁ ବିଭିନ୍ନ ଅଞ୍ଚଳରେ ଏବେଠୁ ଜଳସଙ୍କଟ ଦେଖାଦେଲାଣି । ଭୂତଳ ଜଳସ୍ତର ହ୍ରାସ ପାଉଥିବା ବେଳେ ଭଞ୍ଜନଗର, ଡହ, ସୋରଡ଼ା ଓ ବାଘୁଆ ଜଳଭଣ୍ଡାରର ଜଳସ୍ତର ମଧ୍ୟ ହ୍ରାସ ପାଇବାରେ ଲାଗିଛି । ଆଗକୁ ବର୍ଷା ନ ହେଲେ ସ୍ଥିତି ଜଟିଳ ହେବା ଆଶଙ୍କା ରହିଛି । ଖରା ବଢୁଥିବା ବେଳେ ବ୍ଲକ ଓ ଏନଏସି ପ୍ରଶାସନ ପକ୍ଷରୁ ସୋମବାର ସୁଦ୍ଧା ଜଳଛତ୍ର ଖୋଲା ଯାଇନାହିଁ। ପ୍ରଶାସନ ପକ୍ଷରୁ ତୁରନ୍ତ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିବା ପାଇଁ ଦାବି ହୋଇଛି ।

ଭଞ୍ଜନଗର ଜଳଭଣ୍ଡାରର ଜଳସ୍ତର ୯୫ ମିଟର ରହିବା ବଦଳରେ ସୋମବାର ସୁଦ୍ଧା ୯୧.୨୦ ମିଟର ଜଳସ୍ତର ଅଛି । ଜଳଭଣ୍ଡାରର ଜଳସ୍ତର କମିବା ଦ୍ୱାରା ଲଣ୍ଡେଇସାହି ଅଞ୍ଚଳର କୂଅଗୁଡ଼ିକରେ ପାଣି ବହୁତ ତଳକୁ ଚାଲିଯାଇଛି । ଭୂତଳ ଜଳସ୍ତର ହ୍ରାସ ଯୋଗୁ ଅନେକ କୂଅ, ପୋଖରୀ, ନଦୀ ଓ ନାଳ ଶୁଖିଲା ପଡ଼ିଛି। ସେପଟେ ଜଙ୍ଗଲ ପୋଡ଼ି ଯୋଗୁ ବନ୍ୟପ୍ରାଣୀ ଗ୍ରାମାଭିମୁଖୀ ହେଉଛନ୍ତି । ପାଣି ଟୋପାଏ ନ ପାଇ ସେମାନେ ବିପଦରେ ପଡୁଛନ୍ତି । ଗ୍ରାମାଞ୍ଚଳରେ ମଧ୍ୟ କେତକ ସ୍ଥାନରେ ପାନୀୟ ଜଳ ସମସ୍ୟା ଦେଖାଦେଲାଣି। ବେଲଗୁଣ୍ଠା ଏନ୍ଏସି, ସୁଜୁମୁସର, ତନରଡ଼ା, ଚଡ଼େୟାପଲ୍ଲୀ ଆଦିରେ ଲୋକଙ୍କୁ ପର୍ଯ୍ୟାପ୍ତ ବିଶୁଦ୍ଧ ପିଇବା ପାଣି ମିଳିପାରୁ ନ ଥିବା ଜଣାପଡ଼ିଛି । ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବା ଆବଶ୍ୟକ ହୋଇପଡ଼ିଛି ।



ଭଞ୍ଜନଗର ଜଳଭଣ୍ଡାର ।

# ଗୋଷ୍ଠୀ ସଂଘର୍ଷ, ୫ ଆହତ

**ପୋଲସରା,୫।୪(ଡି.ଏନ.ଏ.)**

ପୋଲସରା ଥାନା ଜା.ଡେଙ୍ଗାପଦର ଗ୍ରାମରେ ସୋମବାର ଗୋଷ୍ଠୀ ସଂଘର୍ଷ ଘଟି ଉଭୟ ଗୋଷ୍ଠୀର ୫ ଆହତ ହୋଇଛନ୍ତି। ସେମାନେ ହେଲେ ଗ୍ରାମ୍ୟ ଉନ୍ନୟନ କମିଟିର ମହେଶ୍ୱର ବିଶୋୟୀ ଓ ଭାଲୁ ସ୍ୱାଇଁ, ମନୋଜ ସ୍ୱାଇଁ ଓ ମନୋଜ ମଲିକ, ସୁଧୀର ଭୂୟାଁ। ଗ୍ରାମ୍ୟ ଉନ୍ନୟନ କମିଟିର ସଭ୍ୟ ଭାଲୁଙ୍କ କହିବାନୁସାରେ ଡେଙ୍ଗାପଦରରେ ନିର୍ମାଣ ଚାଲିଥିବା ରାମ ମନ୍ଦିର ଉନ୍ନୟନ କାର୍ଯ୍ୟ ଏବଂ ଆଗକୁ ହେବାକୁ ଥିବା ଯଜ୍ଞ ଲାଗି ଆୟୋଜିତ ବୈଠକରେ ଆଲୋଚନା ଚାଲିଥିଲା। ଏହି ସମୟରେ ଗ୍ରାମର କେତେଜଣ ଲୋକ ଟେକା ପଥର ଫିଙ୍ଗି ଆକ୍ରମଣ କରିଥିଲେ। ଏଥିରେ ମହେଶ୍ୱର ଓ ଭାଲୁ ସ୍ୱାଇଁ ଆହତ ହୋଇଥିବା ବେଳେ ଗଣ୍ଡଗୋଳ ଛଡ଼ାଇବାକୁ ଯାଇ ମନୋଜ ସ୍ୱାଇଁ ଓ ମନୋଜ ମଲିକ ମଧ୍ୟ ଆହତ ହୋଇଛନ୍ତି। ଏ ନେଇ ଭାଲୁ ଓ ସୁଧୀର ପୋଲସରା ଥାନାରେ ପୃଥକ ଭାବେ ଏତଲା ଦେଇଛନ୍ତି। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

# ସମିତିସଭ୍ୟ ଉପନିର୍ବାଚନ, ପ୍ରାର୍ଥିପତ୍ର ଦାଖଲ



ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି ପ୍ରାର୍ଥୀ।

**ବେଗୁନିଆପଡ଼ା,୫।୪(ଡି.ଏନ.ଏ.)**

ବେଗୁନିଆପଡ଼ା ବ୍ଲକ ଚନ୍ଦନପୁର ପଞ୍ଚାୟତର ସମିତିସଭ୍ୟ ଉପନିର୍ବାଚନ ପାଇଁ ସୋମବାର ଶେଷ ଦିବସରେ ଦୁଇ ଜଣ ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପୂର୍ବତନ ସମିତିସଭ୍ୟ ସୁବଳ ସାହୁଙ୍କ ସ୍ତ୍ରୀ ସୁନିତା ଚନ୍ଦନପୁର ପଞ୍ଚାୟତ ସମିତିସଭ୍ୟ ପଦ ପାଇଁ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନଙ୍କ ଉପସ୍ଥିତିରେ ପାର୍ଥିପତ୍ର ଦାଖଲ କରିଥିବା ବେଳେ କେ.ବରିଡା ଗ୍ରାମର କୁନା ସ୍ୱାଇଁ ରଞ୍ଜନ ପଲାଇଙ୍କ ଉପସ୍ଥିତିରେ ପାର୍ଥିପତ୍ର ଦାଖଲ କରିଛନ୍ତି। ମଙ୍ଗଳବାର ପାର୍ଥିପତ୍ର ଯାଞ୍ଚର ଶେଷ ତାରିଖ ଥିବା ବେଳେ ଏପ୍ରିଲ ୯ ତାରିଖ ପାର୍ଥିପତ୍ର ପ୍ରତ୍ୟାହାର ହେବ। ଆସନ୍ତା ୨୮ ତାରିଖରେ ନିର୍ବାଚନ ହେବା ନେଇ ସ୍ଥାନୀୟ ବିଡିଓ ବେଦବର ପ୍ରଧାନ ସୂଚନା ଦେଇଛନ୍ତି ।

# ରାଜପଥ ପାର୍ଶ୍ୱରେ ହାତୀପଲ

**ଦାରିଙ୍ଗବାଡ଼ି,୫।୪(ଡି.ଏନ୍.ଏ.)**

ଗଞ୍ଜାମ-କନ୍ଧମାଳ ସିମାବର୍ତ୍ତୀ ସୋରଡ଼ା ବନାଞ୍ଚଳର ୫୯ନଂ. ଜାତୀୟ ରାଜପଥ କଡ଼ରେ ରବିବାର ହାତୀପଲ ଚଳପ୍ରଚଳ ହେଉଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ଯାତ୍ରୀମାନେ ଉକ୍ତ ରାସ୍ତା ଦେଇ ଯିବାକୁ ସୁରକ୍ଷିତ ମଣୁନାହାନ୍ତି। ପଲରେ ୧୨ରୁ ୧୫ଟି ହାତୀ ଥିବା ଯାତ୍ରୀମାନେ କହିଛନ୍ତି। ସନ୍ଧ୍ୟା ହେଲେ ସେମାନେ ରାଜପଥକୁ ଆସୁଥିବା କେତେଜଣ ଗାଡ଼ିଚାଳକ କହିଛନ୍ତି। ଦାରିଙ୍ଗବାଡ଼ିଠାରୁ ପ୍ରାୟ ୧୦ କି.ମି. ପରେ ଗଞ୍ଜାମ ସୀମା। ସୀମା ଆରମ୍ଭରୁ ଗାଜଲବାଡ଼ି ଘାଟି ପ୍ରାୟ ୧୫ କି.ମି ଦୂର ଘଞ୍ଚ ଜଙ୍ଗଲରେ କିଛିଦିନ ତଳେ ନିଆଁ ଲାଗିଥିଲା। ତେଣୁ ହାତୀପଲ ପାଇଁ ପାଇଁ ଘାଟିରାସ୍ତା କଡ଼ରେ ଯାଇଥିବା ନାଳକୁ ଆସିଥିବା ଅନୁମାନ କରାଯାଉଛି।



ରାଜପଥ କଡ଼କୁ ଆସିଥିବା ହାତୀପଲ।

## ଗଞ୍ଜାମରେ କୋଭିଡ୍ ନିୟମ କଡ଼ାକଡ଼ି: ଏସ୍ପି ତାରାତାରିଣୀଙ୍କ ଯାତ୍ରାରେ ଅଧିକ ଫୋର୍ସ

**ଛତ୍ରପୁର,୫।୪(ଡି.ଏନ.ଏ)**

କରୋନାର ଦ୍ୱିତୀୟ ଲହର ରୋକିବା ଲାଗି ଗଞ୍ଜାମ ପୋଲିସ ପକ୍ଷରୁ କୋଭିଡ୍ ନିୟମ ପାଳନକୁ କଡାକଡି କରାଯିବ ବୋଲି ଏସ୍ପି ବ୍ରିଜେଶ କୁମାର ରଏ ସୋମବାର ସୂଚନା ଦେଇଛନ୍ତି। ଏଥିପାଇଁ ରାଜ୍ୟ ସରକାର ଓ ଡିଜିପିଙ୍କ ଠାରୁ ନିର୍ଦ୍ଦେଶ ଆସିଛି। ମାସ୍କ, ସାମାଜିକ ଦୂରତା ପାଳନ ହେଉଛି କି ନାହିଁ , ରାତିରେ ଚେକିଂ ଓ ଗାଡି ଯାଞ୍ଚ ନିୟମିତ କରିବାକୁ ସମସ୍ତ ଥାନାକୁ ନିର୍ଦ୍ଦେଶ ଦିଆଯାଇଛି । ମା ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଦ୍ୱିତୀୟ ପାଳିଯାତ୍ରା ପାଇଁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଥିବା ଏସ୍ପି ସୂଚନା ଦେଇଛନ୍ତି। ଗତ ପାଳି ଅପେକ୍ଷା ଅଧିକ ସୁରକ୍ଷା ବ୍ୟବସ୍ଥା ସହ ଫୋର୍ସ ମୁତୟନ ରହିବେ । ୩ ଜଣ ଅତିରିକ୍ତ ଏସପି, ୩ ଡିଏସପି, ୧୨ ଇନ୍ସପେକ୍ଟର, ୧୦୦ ଜଣ ଏସଆଇ/ଏଏସଆଇ, ୧୬୦ ଜଣ କନଷ୍ଟେବଲ, ୧୮୦ ହୋମଗାର୍ଡ ଏବଂ ୧୦ ପ୍ଲାଟୁନ୍ ଫୋର୍ସ ମୁତୟନ ରହିବେ ବୋଲି ଏସପି କହିଛନ୍ତି। ସେଠାରେ ସିସି କ୍ୟାମେରା ଲଗାଯାଇଛି ଏବଂ ଟିମ୍ ଏହାଉପରେ ନଜର ରଖିବ। ମୁଣ୍ଡନ ଉପରେ ରୋକ ଲଗାଯାଇଥିବାରୁ ଏହାକୁ କଡାକଡି ପାଳନ କରାଯିବ।

## ଜଣେ କରୋନା ଆକ୍ରାନ୍ତ ଚିହ୍ନଟ

**ଜି.ଉଦୟଗିରି,୫।୪(ଡି.ଏନ.ଏ.)**

ଜି.ଉଦୟଗିରି ସହରର ୧୦ ନଂ ୱାର୍ଡରୁ ସୋମବାର ଜଣେ ୩୨ ବର୍ଷୀୟ ଯୁବକ ଦ୍ୱିତୀୟ ଲହର ପ୍ରଥମ କରୋନା ପଜିଟିଭ ଭାବେ ଚିହ୍ନଟ ହୋଇଛନ୍ତି। ସେ ପୂର୍ବରୁ ବ୍ରହ୍ମପୁର ଯାଇ ଫେରିଥିଲେ। ଏହାକୁ ନେଇ ବଜାରରେ ଚର୍ଚ୍ଚା ଜୋର ଧରିଥିବା ବେଳେ ଅମାନିଆଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି। ପ୍ରସାଶନ ପକ୍ଷରୁ ବାରମ୍ବାର ସଚେତନ କରାଯାଉଥିଲେ ମଧ୍ୟ ଏବେ ବିନା ମାସ୍କରେ ଲୋକେ ବୁଲୁଛନ୍ତି। ଟିକାକରଣ ସହିତ ସାଧାରଣ ଜନତା ସଚେତନ ହେଲେ କରୋନା ମୁକାବିଲା କରିପାରିବା ବୋଲି ସାମାଜିକ କର୍ମୀ ହରିଶଙ୍କର ରାଉତ କହିଛନ୍ତି।

# ରେଳ ଧାରଣାରୁ ମହିଳାଙ୍କ ମୃତଦେହ ଜବତ

**ଗୋପାଳପୁର,୫।୪**

ଗୋଳନ୍ଥରା ଷ୍ଟେଶନ ଓ ବ୍ରହ୍ମପୁର ଷ୍ଟେଶନ ମଧ୍ୟଭାଗ ଚାନ୍ଦପୁର ରେଳ ଫାଟକ ନିକଟରୁ ସୋମବାର ଜଣେ ମହିଳା ମୃତଦେହ ପୋଲିସ ଜବତ କରିଛି। ବ୍ରହ୍ମପୁର ଜିଆରପି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। ଖବର ଲେଖା ହେବା ସୁଦ୍ଧା ମହିଳାଙ୍କ ପରିଚୟ ମିଳିନଥିବା ବେଳେ ସ୍ଥାନୀୟ ଅଞ୍ଚଳର ହୋଇଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ଏ ନେଇ ନଂ. ୨୧/୨୧ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମହିଳାଙ୍କ ବୟସ ୨୫ରୁ ୩୦ ବର୍ଷ ହେବ। ଏହା ହତ୍ୟା ନା ଆତ୍ମହତ୍ୟା ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ପୋଲିସ କହିଛି।

# ଇ-ସେବା କେନ୍ଦ୍ର ଉଦ୍ଘାଟିତ

**ଭଞ୍ଜନଗର,୫।୪(ଡି.ଏନ.ଏ)**

ଭଞ୍ଜନଗର କୋର୍ଟ ପରିସରରେ ସୋମବାର ଇ-ସେବା କେନ୍ଦ୍ର ଉଦ୍ଘାଟିତ ହୋଇଛି । ଅନ୍ଲାଇନ୍ ମାଧ୍ୟମରେ ହାଇକୋର୍ଟ ମୁଖ୍ୟ ବିଚାରପତି ଡ଼.ଏସ୍. ମୁରଲିଧର ଏହାକୁ ଉଦ୍ଘାଟନ କରିଛନ୍ତି । ଏହି ସମୟରେ ଏଡ଼ିଜେ ଡ଼.ଅରୁଣ କୁମାର ସାହୁ, ସବ୍ଜଜ୍ ବେଦପ୍ରକାଶ, ଏସ୍ଡ଼ିଜେଏମ୍ ଯୁଧିଷ୍ଠିର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ । ବାର୍ ଆସୋସିଏଶନର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ । ପରେ ଅନ୍ୟ ଏକ ବୈଠକରେ ନବ ନିର୍ବାଚିତ ବାର ଆସୋସିଏଶନର କର୍ମକର୍ତ୍ତାମାନେ ଶପଥ ନେଇଥିଲେ । ନିର୍ବାଚନ ଅଧିକାରୀ ରମେଶ ପଣ୍ଡା ନବ ନିର୍ବାଚିତ ସଭାପତି ସନ୍ତୋଷ କୁମାର ନାୟକ, ଉପ ସଭାପତି ରଜତ କୁମାର ଦାସ, ସମ୍ପାଦକ ଜ୍ଞାନେନ୍ଦ୍ର ନାୟକ, ସହ ସମ୍ପାଦକ ଧିରେନ କୁମାର ସ୍ୱାଇଁ, କୋଷାଧ୍ୟକ୍ଷ ଅରୁଣ କୁମାର ପ୍ରଧାନ, ପାଠାଗାର ସମ୍ପାଦକ ପାର୍ଥ ସାରଥି ଗୌଡ଼, କାର୍ଯ୍ୟକାରୀ କମିଟି ସଭ୍ୟ ରାମକୃଷ୍ଣ ଦାସ, ଛବିଲାଲ ପୃଷ୍ଟି, ଅଜୟ କୁମାର ପ୍ରଧାନଙ୍କୁ ଶପଥପାଠ କରାଇଥିଲେ ।

# ଗଜପତି ଜିଲା ଯୁବ କଂଗ୍ରେସ କମିଟି ଘୋଷଣା

**ପାରଳାଖେମୁଣ୍ଡି,୫।୪(ଡି.ଏନ୍.ଏ.)**

ଗଜପତି ଜିଲା ଯୁବ କଂଗ୍ରେସର ପୂର୍ଣ୍ଣାଙ୍ଗ କମିଟି ଘୋଷଣା ହୋଇଛି । ଜିଲା କାର୍ଯ୍ୟକର୍ତ୍ତା ଭାବେ ମୋଟ ୧୭ ଜଣଙ୍କୁ ନିଯୁକ୍ତ କରାଯାଇଥିବା ଜିଲା ଯୁବ କଂଗ୍ରେସ ସଭାପତି ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି । କମିଟିରେ ଜିଲା ଉପସଭାପତି ଭାବେ ରିଙ୍କୁ ପାଣି ଓ ସମ୍ପିତ ନାୟକ, ସାଧାରଣ ସମ୍ପାଦକ ଭାବେ ଗବରିୟଲ ଲିମା, କେ.ତେଜେଶ୍ୱର ରାଓ, ଆବସୁଲମ ରଇତ, ନିତ୍ୟାନନ୍ଦ ଗମାଙ୍ଗ, ହେମନ୍ତ ମଣ୍ଡଳ ଓ ଶଙ୍କର ଡୌଡଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ସମ୍ପାଦକ ଭାବେ ହେମା ମଣ୍ଡଳ, ନମିତି ମଣ୍ଡଳ, ଏସ. ଗଣେଶ, ମୋହନ କୁମାର ମିଶ୍ର, ମାର୍କା ଗମାଙ୍ଗ, ନଳିନିକାନ୍ତ ପୋଟାଡୋଳିଆ, ସମିୟା ଗମାଙ୍ଗ ଓ ଦେବାଶିଷ କହଁରଙ୍କୁ ମନୋନୀତ କରାଯାଇଥିବା ବେଳେ ଆଇନ ପରାମର୍ଶଦାତା ଭାବେ ସତ୍ୟନାରଣ ପାଢୀ ନିଯୁକ୍ତ ହୋଇଛନ୍ତି । ସୁମିତ କୁମାର ପାତ୍ର ପାରଳାଖେମୁଣ୍ଡି ଟାଉନ ସଭାପତି ଓ କେ.ରଣଜିତ କୁମାର କାଶୀନଗର ଟାଉନ ସଭାପତି ନିଯୁକ୍ତ ହୋଇଥିବା ବେଳେ ଦେବାଶିଷ ମଲ୍ଲିକ ମୋହନା ବ୍ଲକ ସଭାପତି, ମିଶିୟା ମାଳି ଆର୍.ଉଦୟଗିରି ବ୍ଲକ ସଭାପତି, ନୂଆଗଡ ବ୍ଲକରେ ଜେରମାୟା ରଇତ, ରାୟଗଡରେ ବିବେକାନନ୍ଦ ଶବର, ଗୁମ୍ମାରେ ମଣ୍ଟୁ ପାଣି, ଗୋଷାଣୀରେ ସୁବାସ ଶବର ଓ କାଶୀନଗର ବ୍ଲକରେ ଏସ.ଶଙ୍କର ରାଓ ସଭାପତି ନିଯୁକ୍ତ ହୋଇଛନ୍ତି । ନବନିଯୁକ୍ତ କର୍ତ୍ତାମାନେ ଜିଲା ଯୁବ କଂଗ୍ରେସ ସଭାପତିଙ୍କ ସମେତ ବ୍ରହ୍ମପୁର ଏମପି ପ୍ରାର୍ଥୀ ଭି.ଚନ୍ଦ୍ରଶେଖର ନାଇଡୁ, ରାଜ୍ୟ ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କାଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ଏଫ୍ସିଆଇ ଆଗରେ ଚାଷୀଙ୍କ ଧାରଣା




ଚାଷୀଙ୍କ ଧାରଣାରେ ବସିଛନ୍ତି ।

**କାଶୀନଗର,୫।୪**

ମୋଦି ସରକାରରଙ୍କ ତିନି କୃଷି ଆଇନ ଫଳରେ ଦେଶରେ ଖାଦ୍ୟଶସ୍ୟର ସରକାରୀ ସଂଗ୍ରହ ବ୍ୟବସ୍ଥା ସହିତ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ଚାଉଳ ଓ ଗହମ ବଣ୍ଟନକୁ ବନ୍ଦ କରିବାକୁ ଯାଉଛନ୍ତି। ଏଭଳି ସ୍ଥିତିରେ ଦେଶରେ ସରକାରୀ ସଂଗ୍ରହ ବ୍ୟବସ୍ଥା ଓ ଖାଦ୍ୟ ସୁରକ୍ଷା ତଥା ଏଫସିଆଇକୁ ବଞ୍ଚାଇବା ପାଇଁ କୃଷକମାନଙ୍କ ମିଳିତ ମଞ୍ଚ, ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ସୋମବାର ଏଫସିଆଇ ବଞ୍ଚାଓ ଦିବସର ଡାକରା ଦିଆଯାଇଥିଲା। ଏହି ଅବସରରେ ମିନିଗାଁ ଏଫସିଆଇ ଗୋଦାମ ଆଗରେ କୃଷକ ସଙ୍ଗଠନଙ୍କ ପକ୍ଷରୁ ଚାଷୀମାନଙ୍କର ଏକ ଧାରଣା ଦିଆଯାଇଛି। ଏଆଇକେକେଏମଏସ୍ ଜିଲା ସମ୍ପାଦକ କେଦାର ଶବର ଓ ଚାଷୀ ନେତା ରୋକମ୍ ଲୋକନାଥମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଧାରଣାରେ ଏଆଇକେକେଏମଏସ୍ ଜିଲା କମିଟି ସଭ୍ୟ କାରୁକା ଶବର ପ୍ରମୁଖ ଯୋଗ ଦେଇଥିଲେ।

# ବୃତ୍ତି ପରୀକ୍ଷାଫଳ ପ୍ରକାଶରେ ବିଳମ୍ବ

## ଅଭିଭାବକଙ୍କ ଅସନ୍ତୋଷ

**ଦାରିଙ୍ଗବାଡ଼ି,୫।୪(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକରେ ବୃତ୍ତି ପରୀକ୍ଷାଫଳ ପ୍ରକାଶ ପାଇ ନ ଥିବାରୁ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ ଡିସେମ୍ବର ୧୬ରେ ତୃତୀୟ ଏବଂ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ଜାତୀୟ ଗ୍ରାମୀଣ ମେଧାବୃତ୍ତି (ଏନ୍ଆର୍ଟିଏସ୍) ପରୀକ୍ଷା ହୋଇଥିଲା। ଏହାର ୪ମାସ ବିତିବାକୁ ଯାଉଥିଲେ ସୁଦ୍ଧା ଏଯାଏ ଫଳ ପ୍ରକାଶ ପାଇନାହିଁ। ଜଣେ ଅଭିଭାବକ ଦିଲୀପ ସାହୁ କହିଛନ୍ତି, ଅନ୍ୟ ବ୍ଲକରେ ବୃତ୍ତି ପରୀକ୍ଷା ଫଳ ଘୋଷଣା କରାଯାଇଥିବାବେଳେ ଦାରିଙ୍ଗବାଡ଼ିରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଏହା ବିଳମ୍ବ ହୋଇଛି । ଏନେଇ ବିଇଓ ରସାନନ୍ଦ କରଙ୍କୁ ପଚାରିବାରେ ସେ କହିଛନ୍ତି, ବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇସାରିଛି। ବୃତ୍ତି ଟଙ୍କା ମଧ୍ୟ ଟ୍ରେଜେରିକୁ ଯାଇ ପିଲାଙ୍କୁ ଦିଆଗଲାଣି। ପରୀକ୍ଷାରେ ଉତୀର୍ଣ୍ଣ ହୋଇ ନଥିବା ପିଲାଙ୍କ ଅଭିଭାବକ ଏହା ଜାଣିପାରି ନ ଥିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଏବିଇଓ ତଥା ବିଆର୍ସିସି ସୁବାସିନୀ ଦିଗାଳଙ୍କୁ ପଚାରିବାରେ ଫଳାଫଳ ପ୍ରକାଶ ପାଇ ନ ଥିବା କହିଛନ୍ତି। ଫଳାଫଳ ସମ୍ପର୍କୀତ କାଗଜ ଶିକ୍ଷା ଜିଲା ଅଧିକାରୀଙ୍କ କାର୍ଯ୍ୟାଳୟକୁ ପଠାଯାଇଛି। ସେଠାରୁ ଦସ୍ତଖତ ହୋଇ ଆସିବା ପରେ ଫଳ ଘୋଷଣା କରାଯିବ ବୋଲି ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଡିଇଓ ବିକାଶ ପ୍ରଧାନ କୌଣସି କାଗଜ ପାଇ ନ ଥିବା କହିଛନ୍ତି। ତୁରନ୍ତ ସେ ବିଇଓ କରଙ୍କୁ ବୃତ୍ତି ପରୀକ୍ଷା ଫଳ କାଗଜ ଆଣି ଦସ୍ତଖତ କରାଇ ନେବାକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।

## ଟ୍ରେନ୍ରୁ ଖସି ସୁରଟ ଫେରନ୍ତା ଯୁବକ ମୃତ

**ବେଗୁନିଆପଡ଼ା,୫।୪(ଡି.ଏନ୍.ଏ.)**

ସମ୍ବଲପୁର ନିକଟରେ ଚଳନ୍ତା ଟ୍ରେନରୁ ଖସି ସୋମବାର କୋଦଳା ଥାନା କେ. ବରିଡା ପଞ୍ଚାୟତର ନିମିନା ଗ୍ରାମର ସ୍ୱର୍ଗତ ଟୀକାରାମଙ୍କ ପୁଅ ସନ୍ତୋଷ ପରିଡା(୪୫) ଙ୍କ ମୃତ୍ୟୁ ଘଟିଛି। ସନ୍ତୋଷ ତାଙ୍କ ସଢୁ ଓ ଶାଳୀଙ୍କ ପରିବାର ସହ ସୁରଟରୁ ଟ୍ରେନ ଯୋଗେ ନିଜ ଗାଁକୁ ଫେରୁଥିଲେ। ସମ୍ବଲପୁର ନିକଟରେ ଭାରସାମ୍ୟ ହରାଇ ସେ ଟ୍ରେନରୁ ତଳକୁ ଖସିଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବୁର୍ଲା ମେଡିକାଲରେ ବ୍ୟବଚ୍ଛେଦ କରାଇବା ପରେ ପରିବାରକୁ ହସ୍ତାନ୍ତର କରିଛି।

# ଗଞ୍ଜେଇ ଚାଲାଣ ପଛରେ ଗାଡ଼ିମାଲିକ

## ନେଉଛନ୍ତି ରାଜନୈତିକ ଫାଇଦା, ଧରାପଡୁଛନ୍ତି ଡ୍ରାଇଭର

**ଫୁଲବାଣୀ ଅଫିସ, ୫।୪**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଅଞ୍ଚଳରୁ ପ୍ରତିଦିନ ବିଭିନ୍ନ ବାଟ ଦେଇ ବାହାରକୁ ଗଞ୍ଜେଇ ଚାଲାଣ ହେଉଛି । ଗଞ୍ଜେଇ କାରବାରରେ ପୋଲିସ ଏବଂ ରାଜନୈତିକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ହାତ ରହୁଛି । ଲୋକ ଦେଖାଣିଆକୁ କେବେ କେମିତି ଗଞ୍ଜେଇ ଧରି ପୋଲିସ ବାହାବା ନେଉଛି । କିଛି ପ୍ରଭାବଶାଳୀ ଗଞ୍ଜେଇ ଚାଲାଣକାରୀ ରାଜନୈତିକ କ୍ଷମତା ଅପବ୍ୟବହାର କରୁଥିବା ଚର୍ଚ୍ଚା ଜୋର ଧରିଛି। ଗତ ୨୭ ତାରିଖରେ ଜିଲା କଂଗ୍ରେସର ଜଣେ ନେତାଙ୍କ ବୋହୁଙ୍କ ନାମରେ ଥିବା ଗାଡିରୁ ଗଞ୍ଜେଇ ଜବତ କରାଯାଇଥିଲା। ଏହି ଘଟଣାରେ ନାବାଳକ ଡ୍ରାଇଭରଙ୍କୁ ବ୍ରହ୍ମପୁର ବାଳ ସୁଧାର ଗୃହକୁ ପଠାଯାଇଥିବା ବେଳେ ଅନ୍ୟଜଣଙ୍କୁ ଗିରଫ କରାଯାଇଛି। ସେମାନେ ସମ୍ପୃକ୍ତ ରାଜନୈତିକ ବ୍ୟକ୍ତିଙ୍କ ପୁଅଙ୍କ ନିର୍ଦ୍ଦେଶରେ ଗଞ୍ଜେଇ ଚାଲାଣ କରୁଥିଲେ ବୋଲି ପୋଲିସ ଆଗରେ ସ୍ୱୀକାର କରିଥିଲେ । ପୋଲିସକୁ କୁଆଡେ ଏହା ପ୍ରମାଣିତ କରିବାରେ ଅସୁବିଧା ହେବ। ତେଣୁ ଜାଣିଶୁଣି ସମ୍ପୃକ୍ତ ଯୁବକଙ୍କୁ ଗିରଫ କରୁନାହିଁ। ବାପା କଂଗ୍ରେସର ଟାଣୁଆ ନେତା ହୋଇଥିବାରୁ ପୋଲିସ ଏଫଆଇଆରରେ କେବଳ ସମ୍ପୃକ୍ତ ଯୁବକଙ୍କ ନାମ ଦର୍ଶାଇଛି। ଗାଡିଚାଳକ ଏବଂ ଗିରଫ ଅଭିଯୁକ୍ତଙ୍କୁ ପଚରାଯିବାରେ ସେମାନେ ଉକ୍ତ ଯୁବକଙ୍କ ନିର୍ଦ୍ଦେଶରେ ଗଞ୍ଜେଇ ଚାଲାଣ କରୁଥିବା କହିଥିଲେ। ଯେକି ଗାଡିର ପ୍ରକୃତ ମାଲିକ ନୁହନ୍ତି। ତାଙ୍କ ସ୍ତ୍ରୀଙ୍କ ନାମରେ ଗାଡ଼ି ରହିଛି। ଏହି ଘଟଣାରେ ଆଉ ଦୁଇ ଜଣ ସାମିଲ ଅଛନ୍ତି। ତେବେ ଫିରିଙ୍ଗିଆ ପୋଲିସର ଏଭଳି ତଦନ୍ତକୁ ସବୁଠି ସମାଲୋଚନା କରାଯାଉଛି । ଏ ନେଇ ଫୁଲବାଣୀ ସଦର ଏସଡିପିଓ ମହେନ୍ଦ୍ରନାଥ ମୁର୍ମୁ କହିଛନ୍ତି, ଯେଉଁମାନେ ଘଟଣାସ୍ଥଳରୁ ଧରାହେଲେ ସେମାନଙ୍କ ନାମରେ ଏଫଆଇଆର କରାଯାଇଛି। ଯେଉଁ ଯୁବକଙ୍କ ନିର୍ଦ୍ଦେଶରେ ସେମାନେ ଗଞ୍ଜେଇ ଚାଲାଣ କରୁଥିଲେ କହିଛନ୍ତି, ଗାଡିର ମାଲିକାନାମା ତାଙ୍କ ସ୍ତ୍ରୀଙ୍କ ନାମରେ ଅଛି। ଚାର୍ଜସିଟ ପ୍ରଦାନ କରିବାକୁ ସମୟ ଥିବାରୁ ଉପଯୁକ୍ତ ତଦନ୍ତ କରାଯିବ ବୋଲି ଏସଡିପିଓ ପ୍ରକାଶ କରିଛନ୍ତି।

## ୪ ଗଞ୍ଜେଇ ଭର୍ତ୍ତି ବ୍ୟାଗ ଜବତ

ଗୋପାଳପୁର,୫।୪-ଗୋଳନ୍ଥରା ଥାନା ଅଟୋନଗର ନିକଟରେ ସୋମବାର ପୋଲିସ ୪ଟି ଗଞ୍ଜେଇ ଭର୍ତ୍ତି ବ୍ୟାଗ ଜବତ କରିଛି। ଅଭିଯୁକ୍ତମାନେ ଗଞ୍ଜେଇ ଭର୍ତ୍ତି ବ୍ୟାଗ ଧରି ଆନ୍ଧ୍ର ଅଭିମୁଖେ ଯାଉଥିବା ବେଳେ ଅଟୋନଗର ନିକଟ ମାଛିଗୌରା ସର୍ଭିସ ସେଣ୍ଟର ନିକଟରେ ପୋଲିସ ଦେଖି ବ୍ୟାଗ ଛାଡ଼ି ଫେରାର୍ ହୋଇଯାଇଥିଲେ। କନିଷ୍ଠ ତହସିଲଦାର ତଥା ମାଜିଷ୍ଟ୍ରେଟ ତାପସ ରାଉତ, ଗୋଳନ୍ଥରା ଥାନାଧିକାରୀ ବାବୁଲି ନାୟକ, ଏସଆଇ ଜ୍ଞାନରଞ୍ଜନ ସାହୁ ପ୍ରମୁଖ ପହଞ୍ଚି ଗଞ୍ଜେଇ ବ୍ୟାଗଗୁଡ଼ିକୁ ଜବତ କରିବା ନଂ ୩/୨୧-୨୨ରେ ମାମଲା ରୁଜୁ କରିଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୫୮ କେଜି ଗଞ୍ଜେଇ ଥିବା ଜଣାପଡ଼ିଥିଲା।

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ଭାଜପା ପ୍ରତିଷ୍ଠା ଦିବସ। ସ୍ଥାନ: ଷ୍ଟେଶନ୍ ରୋଡ ଜିଲା କାର୍ଯ୍ୟାଳୟ। ସମୟ: ସାଢେ ୯ଟା।

## ସଂକ୍ଷେପରେ

### ମିଥ୍ୟା ମାମଲାରେ ପୋଲିସ ମାଡ଼ମାରିବା ଘଟଣା
## ଡିଆଇଜିଙ୍କୁ ଫେରାଦ ହେଲେ ଦମ୍ପତି



ବ୍ରହ୍ମପୁର ଅଫିସ, ୫।୪: ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ପିତଳ ଗ୍ରାମର ଜଣେ ବ୍ୟବସାୟୀଙ୍କ ନାମରେ ପୋଲିସ ମିଥ୍ୟା ମାମଲା ରୁଜୁ କରି ହଇରାଣ କରିଥିବା ଅଭିଯୋଗ ହୋଇଛି। ପୋଲିସର ଏଭଳି ମନମୁଖୀ କାର୍ଯ୍ୟକୁ ବିରୋଧ କରି ସୋମବାର ଏକ ଦମ୍ପତି ଦକ୍ଷିଣାଞ୍ଚଳ ରେଞ୍ଜ ଡିଆଇଜି ସତ୍ୟବ୍ରତ ଭୋଇଙ୍କୁ ଫେରାଦ୍ ହୋଇଛନ୍ତି। ଜଣେ ବ୍ୟକ୍ତିଙ୍କ କଥାରେ ପଡ଼ି ବିନା କାରଣରେ ପୋଲିସ ସେମାନଙ୍କ ନାମରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିଲା ବୋଲି ଦମ୍ପତି ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରି ନ୍ୟାୟ ପ୍ରଦାନ କରିବା ସହିତ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।

ପିତଳ ଗ୍ରାମର ବାବୁଲା ନାୟକ କରଡ଼ାକଣା ଗ୍ରାମରେ ଘରଭଡ଼ା ନେଇ ରହୁଛନ୍ତି। ଆଲୁମିନିୟମ ଓ କଂସା ଜିନିଷ ବିଭିନ୍ନ ଅଞ୍ଚଳରେ ବିକ୍ରି କରି ସେ ପରିବାର ଭରଣପୋଷଣ କରୁଛନ୍ତି। ହିଞ୍ଜିଳିକାଟୁ ଥାନା ସନ୍ତୋଷପୁର ଗ୍ରାମର ଜଣେ ହୋଲସେଲ୍ ବ୍ୟବସାୟୀଙ୍କ ଠାରୁ ସେ ସାମଗ୍ରୀ ଆଣିଥାନ୍ତି। ପରେ ସେ ଅଧିକ ଦର କହିବାରୁ ବାବୁଲା ଅନ୍ୟ ଜଣେ ବ୍ୟବସାୟୀଙ୍କ ନିକଟରୁ ସାମଗ୍ରୀ ନେଇଥିଲେ। ଏଥିରେ ହୋଲସେଲ ବ୍ୟବସାୟୀ ଜଣକ ପ୍ରତିଶୋଧ ପରାୟଣ ହୋଇ ଟଙ୍କା ବାକି ଥିବା ନେଇ ହିଞ୍ଜିଳିକାଟୁ ଥାନାରେ ମିଥ୍ୟା ମାମଲା ରୁଜୁ କରିଥିଲେ ବୋଲି ବାବୁଲା କହିଛନ୍ତି। ଏହି ଅଭିଯୋଗରେ ସେପ୍ଟେମ୍ବର ୨୫ ରାତିରେ ହିଞ୍ଜିଳିକାଟୁ ପୋଲିସ ତାଙ୍କୁ ଥାନାକୁ ନେଇଥିଲା। ରାତି ସାରା ଥାନାରେ ରଖି ସକାଳେ ଛାଡ଼ିଥିଲା। ଏଭଳି ଅନ୍ୟାୟ ବିରୋଧରେ ବାବୁଲା ଗଞ୍ଜାମ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ୨୧ ତାରିଖରେ ହଠାତ୍ ହିଞ୍ଜିଳିକାଟୁ ଥାନାର ଜଣେ ସବ୍‌ଇନ୍ସପେକ୍ଟର୍ ରାତିରେ ବାବୁଲାଙ୍କ ଘରକୁ ଯାଇ ତାଙ୍କୁ ଥାନାକୁ ଟେକି ନେଇଥିଲେ। ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିବା ଘଟଣାକୁ ନେଇ ସେ ନିସ୍ତୁକ ମାଡ଼ ମାରି ନିର୍ଯାତନା ଦେଇଥିଲେ ବୋଲି ବାବୁଲା ଅଭିଯୋଗ କରିଛନ୍ତି। ୨୩ରେ ପୁଣିଥରେ ପୋଲିସ ତାଙ୍କୁ ଟେକି ନେଇ ଠକେଇ ମାମଲାରେ କୋର୍ଟ ଚାଲାଣ କରିଥିଲା। ୨୬ରେ ବାବୁଲା ଜାମିନ୍ ପାଇଥିଲେ। ହୋଲସେଲ ବ୍ୟବସାୟୀଙ୍କ ପ୍ରରୋଚନାରେ ପଡ଼ି ପୋଲିସ ମିଥ୍ୟା ମାମଲା ରୁଜୁ କରି ହଇରାଣ କରିଥିବା ବାବୁଲା ଡିଆଇଜିଙ୍କ ନିକଟରେ ଅଭିଯୋଗ କରିଛନ୍ତି।

## କାଳିଙ୍ଗୀ କୂଳର ନୂଆ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର ଅଫିସ,୫।୪: ଶିଳ୍ପାଞ୍ଚଳ ଆଙ୍କୁଲି କାଳିଙ୍ଗୀ କୂଳର ସ୍ୱତନ୍ତ୍ର ସମାବେଶ ମହାନଗର ଉପକଣ୍ଠ ସୁକୁଣ୍ଡା ଗାରମପେଟା ମନ୍ଦିର ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିଖିଳ ଉତ୍କଳ କାଳିଙ୍ଗୀ କୃଷକ ମହାସଂଘର ନୂଆ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୂଳର ସଭାପତି ଏଲ. ସୁଦାମ ଦାସ ଅଧକ୍ଷତା କରିଥିଲେ। ଉପସଭାପତି ଏମ.ଅଲେଖ ପାତ୍ର, ସମ୍ପାଦକ ଏଲ. ଜଗନ୍ନାଥ ଦାସ, ସହ ସମ୍ପାଦକ ଏଲ. ବଳଭଦ୍ର ଦାସ, ଉପଦେଷ୍ଟା କେ. ବିଶ୍ୱନାଥ ଦାସଙ୍କ ସମେତ ଜି.ରାଜେନ୍ଦ୍ର ପାତ୍ର, କେ. ଶିବ ଦାସ, ପ୍ରହ୍ଲାଦ ଦାସ ଏବଂ ମହିଳା ସଦସ୍ୟା ଏଲ.କୁମାରୀ ଦାସ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବତନ ସଭାପତି ଏମ. ଲଡୁ କିଶୋର ପାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। କାଳିଙ୍ଗୀ କୂଳର ସାମୁହିକ ବିକାଶ ନେଇ ଆଲୋଚନା କରାଯିବା ସହ ଅର୍ଥନୈତିକ କ୍ଷେତ୍ରରେ ଦୁର୍ବଳ ପରିବାରକୁ ସହାୟତା ଏବଂ ମେଧାବୀ ଛାତ୍ରୀଛାତ୍ରଙ୍କୁ ଉଚ୍ଚ ଶିକ୍ଷା ନିମନ୍ତେ ସହଯୋଗ କରାଯିବାର ସମାବେଶରେ ନିଷ୍ପତ୍ତି ନିଆଯାଇଛି। କେ. କ୍ରିଷ୍ଣା ଦାସ ଓ ଏମ୍. ସୀମାଞ୍ଚଳଙ୍କ ସମେତ କୂଳର ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ। ଏଲ. ପର୍ଶୁରାମ ପାତ୍ର ଧନ୍ୟବାଦ ଦେଇଥିଲେ।

# ସିଟି ହସ୍ପିଟାଲ ହେଲା କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର

## ୧୪ଦିନକ୍ୱାରାଣ୍ଟାଇନ୍‌ରେ ରହିବେ ଡାକ୍ତର, ଷ୍ଟାଫ୍

ଛତ୍ରପୁର,୫।୪(ଡି.ଏନ.ଏ.)

କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଗଞ୍ଜାମ ଜିଲା ବ୍ରହ୍ମପୁର ହେଡକ୍ୱାର୍ଟର ହସ୍ପିଟାଲ ତଥା ସିଟି ହସ୍ପିଟାଲର ନୂଆ ସ୍ତ୍ରୀ ଓ ପ୍ରସୂତି ବିଭାଗ କୋଠାକୁ ସୋମବାରଠାରୁ ଡେଡିକେଟେଡ୍ କୋଭିଡ୍-୧୯ ସ୍ୱାସ୍ଥ୍ୟକେନ୍ଦ୍ର କରାଯାଇଛି। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହି ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ସିଟି ହସ୍ପିଟାଲର ନୂଆ ସ୍ତ୍ରୀ ଓ ପ୍ରସୂତି କମ୍ପ୍ଲେକ୍ସ ବିଲଡିଂ ଓ ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡିକାଲ କଲେଜ ହସ୍ପିଟାଲ ଗାର୍ଲସ ହଷ୍ଟେଲରେ ୫୦ ଲେଖାଏ ଶଯ୍ୟା ରହିବ। ଚିକିତ୍ସା ସରିବା ପରେ ନିୟୋଜିତ ଡାକ୍ତର ଓ ଷ୍ଟାଫ୍ ୧୪ ଦିନ ଆଇସୋଲେଶନରେ ଏଠାରେ ରହିବେ। ଏହାର ପ୍ରଶାସନିକ ଅଧିକାରୀ ଭାବେ ସିଟି ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ବିଶ୍ୱମ୍ବର ବେହେରା ଓ ଆସିଷ୍ଟାଣ୍ଟ ନୋଡାଲ ଅଫିସର ଭାବେ ଡା. ଏସ୍ କାମେଶ୍ୱର ରାଓଙ୍କୁ ଜିଲାପାଳ ଦାୟିତ୍ୱ ଦେଇଛନ୍ତି। ମେଡିକାଲ ଅଫିସର ଦୈନନ୍ଦିନ କାର୍ଯ୍ୟର ମନିଟରିଂ ଓ ତଦାରଖ କରିବାକୁ କୁହାଯାଇଛି। ମ୍ୟାନେଜର ଅନ୍ୟାନ୍ୟ କାର୍ଯ୍ୟ ତ୍ୱରାନ୍ୱିତ ସହ ସମସ୍ତ ମେଡିକାଲ ଅଫିସରଙ୍କ ସହିତ ସମନ୍ୱୟ ରକ୍ଷା କରିବେ। ଏଥିସହ ସେ ହସ୍ପିଟାଲ ସଫେଇଠାରୁ ଆରମ୍ଭକରି ସୁରକ୍ଷା, ବର୍ଜ୍ୟବସ୍ତୁ ପରିଚାଳନା, ଡାକ୍ତର ଓ ଷ୍ଟାଫ୍‌ଙ୍କ ରହିବା ବ୍ୟବସ୍ଥା କରିବାକୁ ଜିଲାପାଳ ନିର୍ଦ୍ଦେଶନାମା ଜାରି କରିଛନ୍ତି।

### ୪ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବାକୁ ପ୍ରସ୍ତାବ
## ଅତିରିକ୍ତ ମୁଖ୍ୟ ସଚିବଙ୍କୁ ଜିଲାପାଳଙ୍କ ଚିଠି

ଗଞ୍ଜାମ ଜିଲାରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗତ ବର୍ଷ ଟ୍ରେଣ୍ଡ ଦେଖାଦେବା ସମ୍ଭାବନା ରହିଛି। ଏଣୁ ଜିଲାରେ ପ୍ରତିଷେଧକ ମୂଳକ ପଦକ୍ଷେପ ସ୍ୱରୂପ ୪ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବାକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଛନ୍ତି। ଏଗୁଡିକରେ ମୋଟ ୨୫୦ ଶଯ୍ୟା ରହିବ। ଏଥିପାଇଁ ୩୦ ଡାକ୍ତର, ୯୦ ଷ୍ଟାଫ୍ ନର୍ସ ଓ ୧୮ ଫାର୍ମାସିଷ୍ଟଙ୍କର ଆବଶ୍ୟକ ପଡୁଛି। ଏ ଉକ୍ତ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର, ନର୍ସ, ଫାର୍ମାସିଷ୍ଟଙ୍କୁ ନିଯୁକ୍ତି ପାଇଁ ଅନୁମତି ଦେବା ସହ ଔଷଧ, ଇକୁଇପ୍‌ମେଣ୍ଟ, ଡାଏଟ୍, ସୁରକ୍ଷାକର୍ମୀ, ସୁଇପର, ଆଟେଡାଣ୍ଟ ପରିଚାଳନା ପାଇଁ ଆବଶ୍ୟକ ଅନୁଦାନ ଦେବାକୁ ଜିଲାପାଳ ଅନୁରୋଧ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ, କୋଭିଡ୍ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିବାକୁ ଥିବା ବ୍ରହ୍ମପୁର ସିଟି ହସ୍ପିଟାଲରେ ୧୦୦ ଶଯ୍ୟା ରହିବ। ଏଥିପାଇଁ ୧୨ ଡାକ୍ତର, ୩୬ ଷ୍ଟାଫ୍ ନର୍ସ ଓ ୬ ଫାର୍ମାସିଷ୍ଟ ଆବଶ୍ୟକ। ସେହିପରି ୫୦ ଶଯ୍ୟା ଲେଖାଏ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟର ନୂଆ କୋଠା, ଆସିକା ବାବନପୁରସ୍ଥିତ ଲେପ୍ରୋସି ହସ୍ପିଟାଲ କୋଠା ଓ ଭଞ୍ଜନଗର ହସ୍ପିଟାଲରେ ୬ ଜଣ ଲେଖାଏ ଡାକ୍ତର, ୧୮ ଜଣ ଲେଖାଏ ଷ୍ଟାଫ୍ ନର୍ସ ଓ ୪ ଜଣ ଲେଖାଏ ଫାର୍ମାସିଷ୍ଟଙ୍କର ଆବଶ୍ୟକତା ଥିବା ଉକ୍ତ ଚିଠିରେ ଦର୍ଶାଯାଇଛି।

## କୋଭିଡ୍ ପଜିଟିଭ୍‌ଙ୍କ ପାଇଁ ଖୋଲିଲା କଲ୍ ସେଣ୍ଟର

ଗଞ୍ଜାମ ଜିଲାରେ ଆଗୁଆ ପଦକ୍ଷେପ ନେଇ କରୋନା ପଜିଟିଭ୍‌ଙ୍କ ପାଇଁ କଲ୍ ସେଣ୍ଟର ସୋମବାର ଛତ୍ରପୁରସ୍ଥିତ ଜିଲା ପାଠାଗାରର ପ୍ରଥମ ମହଲାରେ ଖୋଲିଛି। ଏହି କଲ୍ ସେଣ୍ଟରରେ ୩ ସିଫ୍ଟରେ ଜିଲାପାଳଙ୍କ କାର୍ଯ୍ୟାଳୟ, ଜିଲା ଶିକ୍ଷା ଅଧିକାରୀଙ୍କ ଅଫିସ ଷ୍ଟାଫ୍ କାର୍ଯ୍ୟ କରିବେ। ଏଠାରେ ୬ ମୋବାଇଲ ଫୋନ୍, ଚାର୍ଜର ଓ ରେଜିଷ୍ଟର ଦିଆଯାଇଛି। ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀ, ଜିଲା କ୍ରୀଡା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଓ ଜିଲା ଅଭିଯୋଗ ସେଲ୍ ଅଧିକାରୀ ପ୍ରଶାନ୍ତ କୁମାର ସେଠ୍‌ଙ୍କୁ ଅଫିସର ଭାବେ ନିୟୋଜିତ କରାଯାଇଛି। ଏହି ସବୁ କାର୍ଯ୍ୟ ତ୍ୱରାନ୍ୱିତ ସହ କଲ୍ ସେଣ୍ଟର ପରିଚାଳନା ପାଇଁ ଜିଲା ଗ୍ରନ୍ଥାଗାରିକ ଅମିୟ କୁମାର ଧଳଙ୍କୁ ଦାୟିତ୍ୱ ଦିଆଯାଇଛି। ଅତିରିକ୍ତ ଜିଲାପାଳ କବିନ୍ଦ୍ର କୁମାର ସାହୁ ଏହାକୁ ମନିଟରିଂ କରିବେ। ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀ ଅବିନାଶ ଶତପଥୀ ଏଥିରେ ସହଯୋଗ କରିବେ। ଉକ୍ତ କଲ୍ ସେଣ୍ଟରରେ ରେଜିଷ୍ଟର ରହିବ। ସମସ୍ତ କୋଭିଡ୍ ପଜିଟିଭ୍‌ଙ୍କ ଫିଡବ୍ୟାକ୍ ଲିପିବଦ୍ଧ ହେବା ସହ ଏହା ଉପରେ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ଠକେଇ ମାମଲାରେ ୨ ଗିରଫ

ବ୍ରହ୍ମପୁର ଅଫିସ,୫।୪



ଗିରଫ ଦୁଇ ଅଭିଯୁକ୍ତ।

ବ୍ରହ୍ମପୁର ସହରରେ ପୁଣିଥରେ ଏକ ଠକାମି କାରବାର ପର୍ଦ୍ଦାଫାଶ୍ କରିଛି ପୋଲିସ। ଲୋକଙ୍କ ଅଜାଣତରେ ବଜାଜ ଫାଇନାନ୍ସ କାର୍ଡ କରି ସେମାନଙ୍କ ନାମରେ ମୋବାଇଲ୍ ଫୋନ୍ କିଣି ଲକ୍ଷାଧିକ ଟଙ୍କାର ଠକେଇ ହୋଇଛି। ଏ ସଂକ୍ରାନ୍ତରେ ବଡ଼ବଜାର ଥାନା ପୋଲିସ ବଜାଜ ଫାଇନାନ୍ସ ଲିମିଟେଡର ଏଜେଣ୍ଟ ପୁରୁଣା ବ୍ରହ୍ମପୁର ମାର୍ଥାସାହିର ଜଗନ୍ନାଥ ସାହୁ ଓ ଗୋସାଇଁନୂଆଗାଁର ସ୍ୱାଗତ ପାଣିଗ୍ରାହୀଙ୍କୁ ଗିରଫ କରିଥିବା ଏଏସ୍‌ପି ପ୍ରଭାତ ରାଉତରାୟ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଜଗନ୍ନାଥ ବଜାଜ ଫାଇନାନ୍ସ କମ୍ପାନୀ ଏଜେଣ୍ଟ ଭାବେ କାମ କରୁଛନ୍ତି। ବଡ଼ବଜାର ଗଣେଶ ମାର୍କେଟକୁ ମୋବାଇଲ୍ କିଣିବାକୁ ଆସୁଥିବା ଲୋକଙ୍କ ପାଇଁ ସେ ବଜାଜ ଫାଇନାନ୍ସ କାର୍ଡ କରାଇ ଲୋନ୍ ସୁବିଧା କରିଥାନ୍ତି। ତେବେ ଜଗନ୍ନାଥ ଗତ କିଛି ମାସ ତଳେ କେତେକ ଲୋକଙ୍କୁ ୧୫ଶହ ଟଙ୍କାର ବ୍ଲୁ-ଟୁଥ୍ ମାତ୍ର ୫ଶହ ଟଙ୍କାରେ ଦେବାକୁ କହି ସେମାନଙ୍କ ଆଧାର କାର୍ଡ, ବ୍ୟାଙ୍କ ଆକାଉଣ୍ଟ ନମ୍ବର ଏବଂ ଲୋନ୍ ପାଇଁ ମୋବାଇଲକୁ ଯାଉଥିବା ଓଟିପି ନମ୍ବର ସଂଗ୍ରହ କରିଥିଲେ। ପ୍ରାୟ ୧୧ ଜଣଙ୍କଠାରୁ ଏଭଳି ତଥ୍ୟ ସଂଗ୍ରହ କରିବା ପରେ ସେ ସମସ୍ତଙ୍କ ନାମରେ ବଜାଜ କାର୍ଡ କରି ଗଣେଶ ମାର୍କେଟରେ ଥିବା ଟୁଡେସ୍ ମୋବାଇଲ୍ ସପରୁ ୧୭ ଦାମୀ ମୋବାଇଲ୍ କିଣିଥିଲେ। କିନ୍ତୁ ଗ୍ରାହକମାନେ ମୋବାଇଲ୍ ପାଇ ନ ଥିଲେ। ମୋବାଇଲ୍ କିମ୍ବା ଅନ୍ୟ କୌଣସି ସାମଗ୍ରୀ କ୍ରୟ କରିନଥିବା ବେଳେ ବ୍ୟାଙ୍କ ଆକାଉଣ୍ଟରୁ କେମିତି ଟଙ୍କା କଟୁଛି ବୋଲି ପ୍ରଶ୍ନ କରିଥିଲେ। ଏଥିରେ ଧର୍ମନଗର ସ୍ଥିତ ବଜାଜ ଫାଇନାନ୍ସ କମ୍ପାନୀ ଆସିଷ୍ଟାଣ୍ଟ ମ୍ୟାନେଜର ପ୍ରଭଞ୍ଜନ ରଥ ଗତ ୩ ତାରିଖରେ ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ କ୍ରମେ ପୋଲିସ କେସ୍ ନମ୍ବର ୭୭/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଜଗନ୍ନାଥ ସେହି ମୋବାଇଲଗୁଡ଼ିକ ପର୍ଯ୍ୟାୟ କ୍ରମେ କମ ଦାମରେ ସ୍ୱାଗତଙ୍କୁ ବିକ୍ରି କରି ଦେଇଥିବା ନେଇ ଜାଣିବାକୁ ପାଇଥିଲା। ମୋବାଇଲ୍ ବାବଦରେ ସେ ୩ଲକ୍ଷ ୫୫ହଜାର ଟଙ୍କା ପାଇଥିଲେ। ଯାହାକି ସେ ଖର୍ଚ୍ଚ କରି ଦେଇଛନ୍ତି। ସେପଟେ ସ୍ୱାଗତ ମଧ୍ୟ ସେହି ମୋବାଇଲ୍ ଅନ୍ୟ ଲୋକଙ୍କୁ ବିକ୍ରି କରି ଦେଇଥିଲେ। ଏଣୁ ପୋଲିସ ଉଭୟ ଜଗନ୍ନାଥ ଓ ସ୍ୱାଗତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ବିଭିନ୍ନ କାଗଜପତ୍ର ଓ ବ୍ୟାଙ୍କ ଷ୍ଟେଟମେଣ୍ଟ ଜବତ କରାଯାଇଥିବା ପୋଲିସ କହିଛି।

# ବର୍ଦ୍ଧିତ ଘର ଟିକସ, ୟୁଜର୍ସ ଫି' ଛାଡ଼ ଦାବି




ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

## କମିଶନରଙ୍କୁ ସ୍ମାରକ ପତ୍ର

ବ୍ରହ୍ମପୁର ଅଫିସ, ୫।୪

ବ୍ରହ୍ମପୁର ମହାନଗରରେ ୟୁଜର୍ସ ଫି' ଓ ବର୍ଦ୍ଧିତ ଘର ଟିକସକୁ ମିଳିତ ସଂଗ୍ରାମ ସମିତି ଘୋର ବିରୋଧ କରିଛି। ସୋମବାର ସଂଘ ଆବାହକ ଗଗନ ଚନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ୟୁଜର୍ସ ଫି' ଓ ଘର ଟିକସ ସମ୍ପୂର୍ଣ୍ଣ ଭାବେ ଛାଡ଼ କରିବା ଦାବିରେ ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାରଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବହୁ ବୁଦ୍ଧିଜୀବୀ ଯୋଗ ଦେଇ ବ୍ରହ୍ମପୁର ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବକୁ ନିନ୍ଦା କରିଥିଲେ। ଗତ ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବ୍ରହ୍ମପୁର ମହାନଗର ନିଗମରେ କୌଣସି ଜନପ୍ରତିନିଧି ରହି ନାହାନ୍ତି। ରାଜ୍ୟ ସରକାର ଘର ଟିକସ ବହୁ ଗୁଣା ବୃଦ୍ଧି କରିଛନ୍ତି। ଯାହାକି ଓଡ଼ିଶା ମହାନଗର ସଂଶୋଧନ ଅଧିନିୟମର ସମ୍ପୂର୍ଣ୍ଣ ଉଲ୍ଲଂଘନ ବୋଲି ସଂଘ ଅଭିଯୋଗ କରିଛି।

ଅନ୍ୟପଟେ କରୋନାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରେ ଘର ଟିକସ ଛାଡ଼ କରାଯାଇଥିବା ବେଳେ ବ୍ରହ୍ମପୁରବାସୀଙ୍କୁ କାହିଁକି ଏଥିରୁ ବାଦ୍ ଦିଆଯାଇଛି ବୋଲି ସଂଘ ପ୍ରଶ୍ନ ଉଠାଇଛି। ଏଣୁ ବର୍ତ୍ତମାନ ବିଏମ୍‌ସି ପକ୍ଷରୁ ସଂଗ୍ରହ କରାଯାଇଥିବା ବର୍ଦ୍ଧିତ ଟିକସ ଘର ମାଲିକଙ୍କୁ ଫେରସ୍ତ କରିବା ପାଇଁ ସଂଘ ଦାବି କରିଛି। ଅନ୍ୟମାନଙ୍କ ମଧ୍ୟରେ ସହ ଆବାହକ ସ୍ୱରାଜ୍ୟ ସୁବୁଦ୍ଧିଙ୍କ ସମେତ ମନୋଜ କୁମାର ତରାଇ, ବଂଶୀଧର ଭୂୟାଁ, ରାଜ କିଶୋର ସ୍ୱାଇଁ, ରଜନୀକାନ୍ତ ମଣ୍ଡଳ, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା ଓ ଅବନୀ ଗୟାଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ୨ ଆଇନଜୀବୀଙ୍କ ବିୟୋଗରେ କୋର୍ଟ କାର୍ଯ୍ୟ ବନ୍ଦ

ବ୍ରହ୍ମପୁର ଅଫିସ,୫।୪

ଗଞ୍ଜାମ ଓକିଲ ସଂଘ ସଦସ୍ୟ ତଥା ଆଇନଜୀବୀ ଚିତ୍ତରଞ୍ଜନ ପଟ୍ଟନାୟକ (୬୪) ଓ ଆଦିତ୍ୟ ପଟ୍ଟନାୟକ (୪୨)ଙ୍କ ବିୟୋଗରେ ସୋମବାର ଓକିଲ ସଂଘ କାର୍ଯ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଚିତ୍ତରଞ୍ଜନଙ୍କର ଗତ୨୯ ତାରିଖ ସକାଳେ ତାଙ୍କ ବାସଭବନରେ ମୃତ୍ୟୁ ଘଟିଥିଲା। ସେହିପରି ଅନ୍ୟତମ ଯୁବ ଆଇନଜୀବୀ ଆଦିତ୍ୟଙ୍କ ବଡ଼ଖେମୁଣ୍ଡି ସାହି ବାସଭବନରେ ଗତ ୨୭ ତାରିଖରେ ମୃତ୍ୟୁ ଘଟିଥିଲା। ସୋମବାର ଓକିଲ ସଂଘ ସଭାପତି କପିଳେଶ୍ୱର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୃତ ଆଇନଜୀବୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପରି ଶୋକସନ୍ତପ୍ତ ପରିବାରବର୍ଗଙ୍କ ପାଇଁ ସମବେଦନା ଜ୍ଞାପନ କରାଯାଇଥିଲା। ଏଥିରେ ସଂଘ ସଭାପତି କପିଳେଶ୍ୱର ପଟ୍ଟନାୟକ, ସମ୍ପାଦକ ରାମକୃଷ୍ଣ ମହାରଣା, ଉପସଭାପତି ବସନ୍ତ କୁମାର ରାଉତ, ଯୁଗ୍ମ ସମ୍ପାଦକ ଶ୍ରୀଧର ସାହୁ, ଶିଶିର କୁମାର ପାଢୀ, ନୂତନ ସଭାପତି ଜନାର୍ଦ୍ଦନ ସୁବୁଦ୍ଧି, ସମ୍ପାଦକ ପ୍ରଦୀପ କୁମାର ବେହେରା, ଉପସଭାପତି ବି. ଭାଗୀରଥି ରାଓ, ଯୁଗ୍ମ ସମ୍ପାଦକ ସୁଧୀର କୁମାର ପାତ୍ର, ମୋହନ ସିଙ୍ଗାରି, ପୀତବାସ ପଣ୍ଡା, ସୀତାଂଶୁ ପଣ୍ଡା, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ପ୍ରଦୀପ ପଣ୍ଡା, ସଞ୍ଜୟ ମିଶ୍ର, ଅଭୟ ପଣ୍ଡା, ବରୁଣ ଗୌଡ଼, ପ୍ରସାଦ ରାଓ, ଅକ୍ଷୟ ପଟ୍ଟନାୟକ, ହୀରକ ରଥ, ମନୋଜ ପଟ୍ଟନାୟକ, ଅଶୋକ ଶୁକ୍ଲା, ସୁଦର୍ଶନ ପଣ୍ଡା, ବିରଞ୍ଚି ମହାପାତ୍ର, ନୟନ ଚନ୍ଦ୍ର ମହାପାତ୍ର, ପ୍ରସାଦ ଦୋରା, ପ୍ରଦୀପ ପଟ୍ଟନାୟକ, ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ବିପ୍ର ଚରଣ ସାହୁଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

# ୩ ମାସରେ ୧୪୩୧ ଡିଏଲ୍ ରଦ୍ଦ

## ୯୮.୯୯ ଲକ୍ଷର ଜରିମାନା ଧାର୍ଯ୍ୟ

ବ୍ରହ୍ମପୁର ଅଫିସ, ୫।୪

ବ୍ରହ୍ମପୁରରେ ହେଲମେଟ୍ ଧରପଗଡ଼ ଜୋରଦାର କରାଯାଇଛି। ସଂଶୋଧିତ ନିୟମ ଅନୁସାରେ ୧ହଜାର ଟଙ୍କା ଜରିମାନା ଆଦାୟ କରାଯାଉଛି। ଏପରିକି ହେଲମେଟ୍ ନ ପିନ୍ଧିଲେ ୩ମାସ ପର୍ଯ୍ୟନ୍ତ ଗାଡ଼ି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ (ଡିଏଲ୍)ରଦ୍ଦ କରିବା ପାଇଁ ପୋଲିସ ଆରଟିଓଙ୍କୁ ସୁପାରିସ କରିବ ବୋଲି ନିୟମ ହୋଇଛି। ଏହି ଧାରାରେ ବ୍ରହ୍ମପୁରରେ ଟ୍ରାଫିକ ଥାନା ପକ୍ଷରୁ ଗତ ଜାନୁୟାରୀରୁ ମାର୍ଚ୍ଚ ଶେଷ ସୁଦ୍ଧା ୧୪୩୧ ଡିଏଲ୍ ରଦ୍ଦ ପାଇଁ ପୋଲିସ ପକ୍ଷରୁ ଆର୍‌ଟିଓଙ୍କୁ ସୁପାରିସ କରାଯାଇଛି। ଏହା ସହିତ ଜରିମାନା ବାବଦରେ ମାନୁଆଲ୍ ଏବଂ ଇ-ଚାଲାଣରେ ୯୮ ଲକ୍ଷ ୯୯ ହଜାର ଟଙ୍କା ଅମାନିଆ ଚାଳକଙ୍କ ଉପରେ ଧାର୍ଯ୍ୟ ହୋଇ ସାରିଲାଣି ବୋଲି ଟ୍ରାଫିକ୍ ଥାନାଧିକାରୀ ସୁନୀଲ ବେହେରା ସୂଚନା ଦେଇଛନ୍ତି। ୩ ମାସ ମଧ୍ୟରେ ୧୦ ହଜାର ୨୧୦ ଗାଡି ଚାଳକଙ୍କୁ ଏହି ଜରିମାନା ଧାର୍ଯ୍ୟ ସହ ୮୧ ନିଶାସକ୍ତ ଗାଡି ଚାଳକଙ୍କୁ ଧରି ପୋଲିସ କୋର୍ଟ ଚାଲାଣ କରିଛି।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ: ଯୁବକ ଗିରଫ

ବୁଗୁଡ଼ା,୫।୪(ଡି.ଏନ.ଏ.)

ବୁଗୁଡ଼ା ଥାନା ଅଞ୍ଚଳରେ ଜଣେ ୧୭ ବର୍ଷୀୟା ନାବାଳିକାକୁ ଅପହରଣ ଓ ବଳାତ୍କାର ଅଭିଯୋଗରେ ପୋଲିସ ସୋମବାର ସମ୍ପୃକ୍ତ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ପୋଲସରା ଥାନା ପାତାଳସିଙ୍ଗି ଗ୍ରାମର ଭିକାରୀ ସେଠୀ।ଏନେଇ ପୋଲିସ ନଂ. ୧୧୮/୨୧ ରେ ଏକ ମାମଲା ରୁଜୁ କରିଛି। ବୁଗୁଡ଼ା ଥାନା ଅଞ୍ଚଳର ଗତ ୧୧ ତାରିଖ ଶିବରାତ୍ରିରେ ମା'ଓ ଝିଅ ଶିବ ମନ୍ଦିରକୁ ଯାଇଥିଲେ। ଶିବଙ୍କୁ ଦର୍ଶନ କରିବା ପରେ ଝିଅର କୌଣସି ପତ୍ତା ନ ମିଳିବାରୁ ପରିବାର ଲୋକେ ଗତ ୧୮ ତାରିଖରେ ବୁଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଝାରସୁଗୁଡ଼ା ଜିଲା ବନହରପାଲି ଥାନା ଅନ୍ତର୍ଗତ ବନ୍ଧବାହାଲ ଅଞ୍ଚଳରେ ରବିବାର ରାତିରେ ଉଭୟଙ୍କୁ ଧରିଥିଲେ। ସୋମବାର ବୁଗୁଡ଼ା ମେଡିକାଲରେ ଉଭୟଙ୍କ ପରୀକ୍ଷା କରାଯାଇଥିଲା। ବ୍ରହ୍ମପୁର କୋର୍ଟରେ ନାବାଳିକାଙ୍କ ବୟାନ ଲିପିବଦ୍ଧ ହେବାପରେ ତାଙ୍କୁ ପରିବାରକୁ ହସ୍ତାନ୍ତର କରାଯାଇଥିଲା।

## ଆନ୍ଧ୍ର ସମିତି ନିର୍ବାଚନ ପ୍ରଚାରରେ ଓଡ଼ିଶା ଗାଁ ସାମିଲ

ପାତ୍ରପୁର,୫।୪(ଡି.ଏନ.ଏ.)

ଆନ୍ଧ୍ରରେ ଆସନ୍ତା ଗୁରୁବାର ମଣ୍ଡଳ ପ୍ରଜା ପରିଷଦ ତଥା ସମିତି ଓ ଜିଲା ପରିଷଦ ନିର୍ବାଚନ ହେବ। ଏଥିପାଇଁ ପ୍ରଚାର ଜୋରଦାର ଚାଲିଥିବା ବେଳେ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକର ସୀମାନ୍ତ ଅଞ୍ଚଳରେ ଥିବା ୬ରୁ ଉର୍ଦ୍ଧ୍ୱ ଗ୍ରାମ ଚଳଚଞ୍ଚଳ ହୋଇଛି। କୁଲାଡ଼ି, ସାତପୁରି, ଗୁଡ଼ିଖିଲା, ବାବନାସାହି, ବାଞ୍ଜୁଆସାହିରେ ଆନ୍ଧ୍ର ନିର୍ବାଚନ ପ୍ରଚାର ଗାଡ଼ି ବୁଲୁଥିବା ବେଳେ ଆଦିବାସୀମାନେ ସେଥିରେ ଭାଗ ନେଇଥିବା ସୋମବାର ଦେଖିବାକୁ ମିଳିଛି। ପାତ୍ରପୁର ବ୍ଲକର କେତେଗୁଡିଏ ଗ୍ରାମ ଆନ୍ଧ୍ର ସୀମାକୁ ଲାଗିରହିଛି। କେତେକ ଗ୍ରାମରେ ଆନ୍ଧ୍ର ପ୍ରଶାସନ ବିଭିନ୍ନ ଜନହିତକର କାର୍ଯ୍ୟ କରିଥିବା ବେଳେ ଲୋକଙ୍କୁ ଭତ୍ତା, ରାଶନ, ସ୍ୱାସ୍ଥ୍ୟ, ଶିକ୍ଷା ସୁବିଧା ଯୋଗାଇ ଆସୁଛି। ତୁମ୍ବା ପଞ୍ଚାୟତର କୁଲାଡ଼ି ଓ ସାତପୁରି, ବୁରାତାଲ ପଞ୍ଚାୟତର ଗୁଡ଼ିଖିଲା ଗ୍ରାମବାସୀ ଆନ୍ଧ୍ରରୁ ସମସ୍ତ ସୁବିଧା ପାଇ ପୂର୍ବ ନିର୍ବାଚନଗୁଡ଼ିକରେ ସାମିଲ ହୋଇଥିଲେ। ବର୍ତ୍ତମାନ ସମିତି ଓ ଜଲା ପରିଷଦ ନିର୍ବାଚନ ପାଇଁ ପ୍ରଚାରରେ ସାମିଲ ହୋଇଛନ୍ତି।

## ଆଲ୍‌ଫା ସ୍ପୋର୍ଟିଂ କ୍ଲବ, ଖଲ୍ଲିକୋଟ ବିଜୟୀ

### ଜିଲାସ୍ତରୀୟ ଇଣ୍ଟର କ୍ଲବ କ୍ରିକେଟ ଟୁର୍ନାମେଣ୍ଟ

ବ୍ରହ୍ମପୁର ଅଫିସ, ୫।୪

ଗଞ୍ଜାମ ଜିଲା କ୍ରିକେଟ ସଂଘ ପକ୍ଷରୁ ଚାଲିଥିବା ଇଣ୍ଟର କ୍ଲବ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ଆଲ୍‌ଫା ସ୍ପୋର୍ଟିଂ କ୍ଲବ ଓ ଦିଗପହଣ୍ଡି କ୍ରିକେଟ ଟିମ୍ ଏବଂ ରମ୍ଭା ଓ ଖଲ୍ଲିକୋଟ କ୍ରିକେଟ ଟିମ୍ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଛି। ଖଲ୍ଲିକୋଟ ମହାବିଦ୍ୟାଳୟରେ ଅନୁଷ୍ଠିତ ମ୍ୟାଚରେ ଆଲ୍‌ଫା ସ୍ପୋର୍ଟିଂ କ୍ଲବ ୪୦ ଓଭରରେ ୮ ଉଇକେଟ ହରାଇ ୩୦୮ ରନ କରିଥିଲା। ଜବାବରେ ଦିଗପହଣ୍ଡି ଟିମ୍ ମାତ୍ର ୨୪.୩ ଓଭରରେ ୧୦ ଉଇକେଟ ହରାଇ ୨୬ ରନ କରିଥିଲା। ଆଲ୍‌ଫା ସ୍ପୋର୍ଟିଂ କ୍ଲବ କ୍ରୀଡ଼ାବିତ ଅଜୟ କୁମାର ୧୦୭ ବଲରୁ ୧୨୬ ରନ ସଂଗ୍ରହକରି ସଭିଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ମ୍ୟାଚରେ ଆଲ୍‌ଫା ସ୍ପୋର୍ଟିଂ କ୍ଲବ ୧୮୨ ରନରେ ବିଜୟୀ ହୋଇଥିଲା। ଏଥିରେ ଦେବବ୍ରତ ଦେଓ, ସରୋଜ ପାଢ଼ୀ ଅମ୍ପାୟର ଓ ବିବେକାନନ୍ଦ ଦାସ ସ୍କୋରର ଥିଲେ। ସେହିଭଳି ଆଙ୍କୁଶପୁର ଏସ୍‌ଏମ୍‌ଆଇଟି ଖେଳପଡ଼ିଆରେ ଅନୁଷ୍ଠିତ ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମ ବ୍ୟାଟିଂ ନିଷ୍ପତ୍ତି ନେଇ ଖଲ୍ଲିକୋଟ ଟିମ୍ ୩୬ ଓଭରରେ ୧୦ ଉଇକେଟ ହରାଇ ୨୬୪ ରନ କରିଥିବା ବେଳେ ଜବାବରେ ରମ୍ଭା ଟିମ୍ ୨୫.୫ ଓଭରରେ ୧୦ ଉଇକେଟ ହରାଇ ମାତ୍ର ୯୮ ରନ କରିଥିଲା। ମ୍ୟାଚରେ ଖଲ୍ଲିକୋଟ ଟିମ୍ ୧୬୬ ରନରେ ବିଜୟୀ ହୋଇଛି। ଏଥିରେ ଡ. ରଜନୀକାନ୍ତ ରେଡ୍ଡୀ, ସୁଶାନ୍ତ ପଣ୍ଡା ଅମ୍ପାୟର ଓ ସତ୍ୟନାରାୟଣ ପରିଡ଼ା ସ୍କୋରର ଭାବେ ଯୋଗଦେଇ ମ୍ୟାଚ ପରିଚାଳନା କରିଥିଲେ।



ମ୍ୟାଚର ଏକ ଦୃଶ୍ୟ।

# ଏଫ୍‌ସିଆଇ ଘରୋଇକରଣକୁ ବିରୋଧ



ସଂଘ ପକ୍ଷରୁ ଧାରଣା।

## ସଂଯୁକ୍ତ କିଷାନ୍ ମୋର୍ଚ୍ଚାର ଗଣଧାରଣା, ପ୍ରତିବାଦ

ବ୍ରହ୍ମପୁର ଅଫିସ୍,୫।୪

ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) ବଞ୍ଚାଅ ଦାବିରେ ସୋମବାର ସଂଯୁକ୍ତ କିଷାନ୍ ମୋର୍ଚ୍ଚା ପକ୍ଷରୁ ଜଗନ୍ନାଥପୁର ସ୍ଥିତ ଏଫ୍‌ସିଆଇ ଗୋଦାମ ସମ୍ମୁଖରେ ପ୍ରତିବାଦ ଓ ଗଣ ଧାରଣା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଭାରତୀୟ ଖାଦ୍ୟ ନିଗମକୁ ଘରୋଇକରଣକରି ଘରୋଇ କମ୍ପାନୀ ହାତକୁ ଟେକି ଦେବା ନୀତି ବିରୋଧରେ ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ସଂଘ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା। ଖାଉଟି ସୁରକ୍ଷା ଓ ଖାଦ୍ୟ ନିରାପତ୍ତା ବ୍ୟବସ୍ଥାକୁ ଧ୍ୱଂସ କରି କର୍ପୋରେଟ ସଂସ୍ଥାର ସ୍ୱାର୍ଥ ସାଧନ ନିମନ୍ତେ ଏଫ୍‌ସିଆଇକୁ ସରକାରୀ ନିୟନ୍ତ୍ରଣ ମୁକ୍ତ କରିବାର ନୀତିକୁ ସଂଘ ବିରୋଧ କରିଛି। କେନ୍ଦ୍ର ସରକାର ଗଣ ବଣ୍ଟନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପରିବର୍ତ୍ତେ ଏହାକୁ ଧ୍ୱଂସ ମୁଖକୁ ଠେଲି ଦେବାର ଯୋଜନା କରିଛନ୍ତି ବୋଲି ସଂଘ ଅଭିଯୋଗ କରିଛି। ଏଣୁ ଜନସାଧରଣ କେନ୍ଦ୍ର ସରକାରଙ୍କ ଏଭଳି ନୀତି ବିରୋଧରେ ସ୍ୱରୋତ୍ତଳନ କରିବାକୁ ସଂଘ ଆହ୍ୱାନ ଦେଇଛି। ଏହି ଧାରଣାରେ ବସନ୍ତ ନନ୍ଦ, ଗୋପାଳ ପାଣିଗ୍ରାହୀ, ଭାଲ ଚନ୍ଦ୍ର ଷଡ଼ଙ୍ଗୀ, ଶଙ୍କର ସାହୁ ଓ ରଙ୍କନାଥ ସ୍ୱାଇଁ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଦର ବୃଦ୍ଧି ନେଇ ନଗର କଂଗ୍ରେସର ବିକ୍ଷୋଭ

ବ୍ରହ୍ମପୁର ଅଫିସ୍,୫।୪

ବିଦ୍ୟୁତ ଦର ବୃଦ୍ଧି ପ୍ରତିବାଦରେ ବ୍ରହ୍ମପୁର ନଗର କଂଗ୍ରେସ ପକ୍ଷରୁ ସୋମବାର କୋର୍ଟପେଟା ସ୍ଥିତ ଟିପି ଦକ୍ଷିଣାଞ୍ଚଳ ଓଡ଼ିଶା ବିତରଣ ଲିମିଟେଡ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ନଗର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟୁତ ଦର ବୃଦ୍ଧିକୁ ପ୍ରତ୍ୟାହାର କରିବା ପାଇଁ ଦଳ ପକ୍ଷରୁ ଦାବି ହୋଇଥିଲା। ଏଥିରେ ନଗର କଂଗ୍ରେସ ସଭାପତି ସୁଜୟ କୁମାର ଆଚାର୍ଯ୍ୟ, ଜିଲା ଲିଗାଲ୍ ସେଲ୍ ସଭାପତି ରବୀନ୍ଦ୍ର କୁମାର ଆଚାର୍ଯ୍ୟ, ଆସିକା ଲୋକସଭା ଯୁବ ସଭାପତି ଚିନ୍ମୟ କୁମାର ହୋତା, ସୁଜିତ୍ କୁମାର ଦାଶ, ମହିଳା ନେତ୍ରୀ ବନଜା ପଣ୍ଡା, ଛାତ୍ର ନେତା ବିକାଶ ନାୟକଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।



ଉପସ୍ଥିତ ଦଳୀୟ କର୍ମୀ।

